## ଜୁଆ ଆଡ୍ଡାରେ ଚଢ଼ାଉ

ବାରିପଦା ଅଫିସ: ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଞ୍ଚଳର ଏକ ଜୁଆ ଆଡ୍ଡା ଉପରେ ଶୁକ୍ରବାର ପୋଲିସ ଚଢ଼ାଉ କରିଥିଲା। ସେଠାରୁ ପଶାପାଲି ଓ ୬ଟି ବାଇକ୍ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୬/୨୧) ରୁଜୁ ହୋଇଛି। କୋଷ୍ଠା ପଞ୍ଚାୟତର ଜାନକୀ ସାହି ନିକଟସ୍ଥ ଖେଳପଡ଼ିଆରେ ଫୁଟବଲ ଟୁର୍ନାମେଣ୍ଟ ଚାଲିଥିଲା। ଖେଳ ଦେଖିବାକୁ ଶତାଧିକ ଲୋକଙ୍କ ସମାଗମର ସୁଯୋଗ ନେଇ ଜୁଆ ଖେଳ ଚାଲିଥିବା ପୋଲିସ କହିଛି।

## ଆଜି କ'ଣ କେଉଁଠି

**ମୟୂରଭଞ୍ଜ**
- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ଲାଗି ନିଧି ସଂଗ୍ରହ ଅଭିଯାନ। ସ୍ଥାନ-ବାରିପଦା ବଜାର। ସମୟ: ପୂର୍ବାହ୍ନ ୧୦ ଟା।

**ଭଦ୍ରକ**
- ମହାତ୍ମା ଗାନ୍ଧୀଙ୍କ ୭୩ତମ ମହାପ୍ରୟାଣ ଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ, ସମୟ: ସକାଳ ୯ଟା।
- ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସରେ ତିଳତର୍ପଣ, ମାଲ୍ୟାର୍ପଣ, ସ୍ଥାନ: ଧାମନଗର ଗାନ୍ଧୀଘାଟ ଶାସନ, ସମୟ: ସକାଳ ୯ଟା।

**ବାଲେଶ୍ୱର**
- ଶିକ୍ଷା ସମ୍ବନ୍ଧୀୟ କର୍ମଶାଳା। ସ୍ଥାନ: ଜିଲା ସ୍କୁଲ। ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ୍
- ଶହୀଦ ଦିବସ। ସ୍ଥାନ: ଜିଲାପାଳଙ୍କ ଅଫିସ୍ ପରିସର, ସମୟ: ପୂର୍ବାହ୍ନ ୧୧ଟା
- ସକ୍ଷମ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ। ସ୍ଥାନ: ଆଇଟିଆଇସ୍ଥିତ ଭେନିଆ ପାରାଡାଇଜ୍, ସମୟ: ପୂର୍ବାହ୍ନ ୧୧ଟା

**କେନ୍ଦୁଝର**
- ଜୀବିକା ମିଶନ ପକ୍ଷରୁ ଓଡ଼ିଶା ପୁଷ୍ଟି ମହୋତ୍ସବ। ସ୍ଥାନ: ପାଟଣା ବ୍ଲକ କୋଡଖମଣ, ବଡଗମ୍ଭାରିଆ, ନେଉଳପଶି। ସମୟ: ପୂର୍ବାହ୍ନ ୧୧ଟା

## ବେଆଇନ କରତକଳ ଉପରେ ଚଢ଼ାଉ

ବସ୍ତା, ୨୯।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ଥାନା ମୁକୁଳିସି ଗ୍ରାମର ଏକ ବେଆଇନ କରତକଳ ଉପରେ ଶୁକ୍ରବାର ଭିଜିଲାନ୍ସ, ବନବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଭିଜିଲାନ୍ସ ଏସ୍‌ପି ସନ୍ତୋଷକୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ ହୋଇଥିଲା। ଚଢ଼ାଉ ବେଳେ ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ ହୋଇଛି। ହେଲେ କାହାରିକୁ ଗିରଫ କରାଯାଇନାହିଁ। ମାଜିଷ୍ଟ୍ରେଟ ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂଯୋଗ ନେଇ ବିବାଦ: ୨ କୋର୍ଟଚାଲାଣ

ରସାଲପୁର, ୨୯।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ସଦର ଥାନା ପରିକ୍ଷୀ ଫାଣ୍ଡି ଅଧୀନ ଶେଖରପୁର ଗାଁର ବିଶ୍ୱନାଥ ପରିଡ଼ା ଓ ତାଙ୍କ ଭାଇ ଗଣେଶ ପରିଡ଼ାଙ୍କର ଘରେ ବିଦ୍ୟୁତ୍ ସଂଯୋଗ ନେଇ ଗାଁ କମିଟି ସହ ଗତ ୨୦ତାରିଖରେ ବିବାଦ ହୋଇଥିଲା। ତେବେ ଦୁଇଭାଇ କେତେଜଣ ଯୁବକଙ୍କ ମାଧମରେ ଗାଁ କମିଟି ସଦସ୍ୟଙ୍କୁ ଭୟଭୀତ କରାଇଥିଲେ। ଗାଁ କମିଟି ସଦସ୍ୟ ସତ୍ୟଜିତ୍ ପ୍ରଧାନ ଏନେଇ ପରିକ୍ଷୀ ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ. ୨୮/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ଘଟଣାରେ ଟାଉନ ଥାନା ପୋଲିସ ପୁରୁଣାବାଲେଶ୍ୱର ଅଞ୍ଚଳର ସିକୁନ ମାଝି ଏବଂ ଚାନ୍ଦିପୁର ଥାନା ତୁଳସୀପଦା ଗ୍ରାମର ଗୋପାଳ ଦଳେଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ଗୋଟିଏ ପିସ୍ତଲ, ୩ଟି ଜୀବନ୍ତ ଗୁଳି, ତେଲେଙ୍ଗା କଟୁରୀ ଜବତ କରାଯାଇଛି। ସଦର ଥାନା ପକ୍ଷରୁ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଛି।

## ଫାଇନାଲରେ ଧବଳଗିରି ଟିମ୍

ଭଣ୍ଡାରିପୋଖରୀ, ୨୯।୧(ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବର୍ୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର ଖେଳପଡ଼ିଆରେ ଚାଲିଥିବା ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଣ୍ଡାରିପୋଖରୀକୁ ହରାଇ ଯାଜପୁରରୋଡ୍ ଧବଳଗିରି ଟିମ୍ ଫାଇନାଲକୁ ପ୍ରବେଶ କରିଛି। ଧବଳଗିରିର ସନ୍ଦୀପ ଚନ୍ଦଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଶ୍ରୀକୃଷ୍ଣ ସ୍ୱାଇଁ ପୁରସ୍କୃତ କରିଥିଲେ।

## ମନ୍ଦିର କମିଟି ସଭାପତିଙ୍କ ପରଲୋକ

ଖଇରା, ୨୯।୧(ଡି.ଏନ.ଏ.): ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଭୋଗୁପୁର ଗ୍ରାମ ପ୍ରସିଦ୍ଧ ଧବଳେଶ୍ୱର ମହାଦେବ ମନ୍ଦିର କମିଟି ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କର ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଶୋକ ପ୍ରକାଶ କରିଛନ୍ତି।

# ତ୍ରିବେଣୀ ସଙ୍ଗମ ଗାଉଛି ଗାନ୍ଧିବାଦର ଗୀତ

ଆରଡ଼ି, ୨୯।୧(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଧୁଷୁରୀ ନିକଟସ୍ଥ ଶାସନଠାରେ ବୈତରଣୀର ୨ ଜଳ ଧାର ଓ କୋଚିଲା ନଦୀର ସଙ୍ଗମ ସ୍ଥଳ। ୧୯୪୮ ଫେବୃୟାରୀରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅସ୍ଥି କଳସକୁ ଏଠାରେ ବିସର୍ଜନ କରାଯାଇଥିଲା। ସେହିଦିନଠାରୁ ଏହି ସ୍ଥାନ ଗାନ୍ଧିଘାଟ ଶାସନ ଭାବେ ପରିଚିତ। ୨୦୧୮ ଠାରୁ ଏହି ସ୍ଥାନ ଓଡ଼ିଶା ମାନଚିତ୍ରରେ ପର୍ଯ୍ୟଟନ ସ୍ଥଳ ଭାବେ ସ୍ଥାନିତ ହୋଇଛି। ଆଉ ନୂତନ ଭାବେ ସ୍ଥାପିତ ହୋଇଛି ଗାନ୍ଧୀ ସ୍ମୃତିପୀଠ। ଏହି ତ୍ରିବେଣୀ ସଙ୍ଗମ ସ୍ଥଳ ଦୀର୍ଘବର୍ଷ ଧରି ଗାଇ ଆସୁଛି ଗାନ୍ଧିବାଦର ସଙ୍ଗୀତ। ବିଳମ୍ବିତ ରାତିରେ ଏଠାରେ ରଘୁପତି ରାଘବ ରାଜାରାମ ସଙ୍ଗୀତର ଧୁନ୍ ଶୁଣିବାକୁ ମିଳେ ବୋଲି ଗାନ୍ଧିଘାଟ ଶାସନ ଜନପଦର ଲୋକେ କହନ୍ତି।


ତ୍ରିବେଣୀ ସଙ୍ଗମରେ ସ୍ଥାପିତ ଗାନ୍ଧୀସ୍ମୃତି ମଣ୍ଡପ।

ଅସ୍ଥି ବିସର୍ଜନ ପରେ ଏଠାରେ ଏକ ଗାନ୍ଧୀ ମଣ୍ଡପ ସ୍ଥାପନ କରାଯାଇଥିଲା। ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସରେ ନିକଟସ୍ଥ ସାଆଁଳପୁର ଓ ଅନ୍ୟ ସ୍ଥାନୀୟ ଗ୍ରାମର ଯୁବକମାନଙ୍କ ସହଯୋଗରେ ଏହି ସ୍ଥାନରେ ପାଳିତ ହୋଇଆସୁଛି ଗାନ୍ଧୀମେଳା। ବହୁ ବିଶିଷ୍ଟ ସାହିତ୍ୟିକ, କବି, ପଣ୍ଡିତ ଗାନ୍ଧିବାଦ ଉପରେ ଚର୍ଚ୍ଚା କରନ୍ତି। ଏଥିସହିତ ସ୍କୁଲ ଓ କଲେଜସ୍ତରୀୟ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥାଏ। ୨୦୧୮ରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଉଦ୍ୟମରେ ଏହି ସ୍ଥାନ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଛି। ଗାନ୍ଧୀ ସ୍ମୃତିପୀଠ ସମ୍ପର୍କରେ ଆଖଣ୍ଡଳମଣି ମହାବିଦ୍ୟାଳୟର ଅଧକ୍ଷ ଜୟନ୍ତ କୁମାର ଗୋସ୍ୱାମୀ କହନ୍ତି, ନୂଆଦିଲ୍ଲୀ ସ୍ଥିତ ଗାନ୍ଧୀ ସ୍ମୃତିପୀଠ ଆଉ ଏଠାକାର ଗାନ୍ଧୀ ସ୍ମୃତିପୀଠ ମଧ୍ୟରେ କୌଣସି ଅସାମଞ୍ଜସ୍ୟ ନାହିଁ। ଉଭୟ ପୀଠ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାର ବାର୍ତ୍ତା ପ୍ରଚାର କରୁଛି। ଗାନ୍ଧୀ ସ୍ମୃତି କମିଟି ସଦସ୍ୟ ଅଧାପକ ରବୀନ୍ଦ୍ର ବେହୁରିଆ କହନ୍ତି, ଏହି ପର୍ଯ୍ୟଟନ ସ୍ଥଳକୁ ପ୍ରତିଦିନ ଶତାଧିକ ପର୍ଯ୍ୟଟକ ଛୁଟି ଆସୁଛନ୍ତି। ସ୍ମୃତି ପୀଠ ସ୍ଥାପନ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଉଦ୍ୟମ ପ୍ରଶଂସନୀୟ। ପାଳସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକ ମହାତ୍ମା ଗାନ୍ଧୀଙ୍କ ଚିତାଭସ୍ମ ବିସର୍ଜନ ହୋଇଥିବା ସ୍ଥାନ ଆଜି ପବିତ୍ର ସ୍ଥାନରେ ପରିଣତ ହୋଇଛି ବୋଲି କହିଛନ୍ତି।

## ଜେଜେବାପାଙ୍କ ଦଶାହରେ ନାତିଙ୍କ ମୃତ୍ୟୁ

ସଜନାଗଡ଼, ୨୯।୧(ଡି.ଏନ.ଏ.)

ଜେଜେବାପାଙ୍କ ଦଶାହରେ ବନ୍ଧୁ ପରିଜନ ଶୁଦ୍ଧିକ୍ରିୟାରେ ବ୍ୟସ୍ତ ଥିଲେ। ସମସ୍ତେ ପୋଖରୀଘାଟରେ କ୍ଷୌର ହେଉଥିବା ବେଳେ ୨୨ବର୍ଷୀୟ ନାତି ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପରେ ଖୋଜାଖୋଜି କରି ପୋଖରୀରୁ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପରି ଏକ ଅଭାବନୀୟ ଘଟଣା ଘଟିଛି ନୀଳଗିରି ଅଞ୍ଚଳରେ।

ଉକ୍ତ ଗ୍ରାମର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ମୃତ୍ୟୁ ହୋଇଥଲା। ଶୁକ୍ରବାର ତାଙ୍କର ଦଶାହ ଘାଟରେ ତାଙ୍କ ନାତି ଓମ୍‌କାର କ୍ଷୌର ହେଲା ପରେ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ତାଙ୍କ ଗୋଡ଼ ଖସିଯିବାରୁ ସେ ବୁଡ଼ି ଯାଇଥିଲେ। ପରେ ତାଙ୍କୁ ପାଣି ଭିତରୁ ବନ୍ଧୁବର୍ଗମାନେ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏଭଳି ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଓମ୍‌କାର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଆଇଏସ୍‌ଇଆର୍) ତିରୁପତିର ଶେଷ ବର୍ଷ ଛାତ୍ର ଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


ଓମ୍‌କାର ମହାପାତ୍ର।

## ସଡ଼କ ସୁରକ୍ଷା ସଚେତନତା ପାଇଁ ମାରାଥନ

କେନ୍ଦୁଝର, ୨୯।୧(ସ୍ୱ.ପ୍ର.)

ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଶୁକ୍ରବାର ଏକ ମାରାଥନ ଅନୁଷ୍ଠିତ ହୋଇଯାଇଛି। ୫କି.ମି. ବ୍ୟାପୀ ଏହି ମାରାଥନ ଜାତୀୟ ରାଜପଥ ୪୯ ଖିରେଇଟାଙ୍ଗରୀଠାରୁ ବାଉଁଶୂଳୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ମଣ୍ଟେକାର୍ଲୋ ସଂସ୍ଥା ପକ୍ଷରୁ ଆୟୋଜିତ ଏହି ମାରାଥନରେ ୭୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଜାତୀୟ ରାଜପଥ ପ୍ରାଧୀକରଣର ପ୍ରକଳ୍ପ ନିର୍ଦ୍ଦେଶକ ଆର.ଭେଙ୍କଟେଶ୍ୱରଲୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ମଣ୍ଟେକାର୍ଲୋର ଚିଫ ପ୍ରୋଜେକ୍ଟ ମ୍ୟାନେଜର ରାଜେଶ୍ୱର ରାଓ ସଜା, ଡିଏନ୍ କନସଲଟାଣ୍ଟର ଟିମ ଲିଡର ଇଂ ଜଗମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ମାରାଥନ୍‌ରେ ଭାଗ ନେଇଥିବା ପ୍ରତିଯୋଗୀ।

## କଂଗ୍ରେସର ବନ୍ଧୁମିଳନ

ଢେଙ୍କିକୋଟ, ୨୯।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଜୋନ କଂଗ୍ରେସ ତରଫରୁ ହାଟପଡ଼ିଆଠାରେ ଶୁକ୍ରବାର ୧୧ଟାରେ କଂଗ୍ରେସ ଦଳର ଏକ ବନ୍ଧୁମିଳନ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜୋନ ସଭାପତି ରାମଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ଜିଲା କଂଗ୍ରେସ ସଭାପତି ରତିକାନ୍ତ ବରାଳ, ଜିଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର, ରାଜ୍ୟ ପିସିସି ସଭାନେତ୍ରୀ ବନ୍ଦିତା ପରିଡ଼ା, ପୂର୍ବତନ ସଭାପତି ଦିଲୀପ ବଳ, ଗୋବର୍ଦ୍ଧନ ବେହେରା, ନବଘନ ମାନସିଂ, ସେକ ମୋବିନ ପ୍ରମୁଖ ଯୋଗଦେଇଥିଲେ। ଏହି ସଭାରେ ଘଟଗାଁ ବ୍ଲକର ୨୭ ପଞ୍ଚାୟତର ହଜାର ହଜାର କଂଗ୍ରେସ ଦଳୀୟ କର୍ମୀ ଯୋଗ ଦେଇ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ସଫଳ କରିଥିବା ମୁଖ୍ୟ ଅତିଥି ଅଭିଭାଷଣ ମାଧମରେ କହିଛନ୍ତି।

## ସାରନା ଧର୍ମକୁ ମାନ୍ୟତା ଦାବିରେ ଠାକୁରମୁଣ୍ଡା ବନ୍ଦ

ଠାକୁରମୁଣ୍ଡା, ୨୯।୧(ଡି.ଏନ.ଏ.)

ସାରନାଧର୍ମକୁ ସରକାରୀ ମାନ୍ୟତା ଦାବିରେ ଆଦିବାସୀ ସଙ୍ଗଠନ ପକ୍ଷରୁ ଶୁକ୍ରବାର ମୟୂରଭଞ୍ଜ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ଠାକୁରମୁଣ୍ଡାଠାରେ ଦେଖିବାକୁ ମିଳିଥିଲା। ସ୍ଥାନୀୟ କେତେକ ଆଦିବାସୀ ସଙ୍ଗଠନ ପକ୍ଷରୁ ଠାକୁରମୁଣ୍ଡା ବ୍ଲକର ଯୁଆଳିକଟା ଛକ ନିକଟରେ ୫୩ନଂ. ରାଜ୍ୟ ରାଜପଥକୁ ଅବରୋଧ କରାଯାଇଥିଲା। ଫଳରେ କରଞ୍ଜିଆ -ଆନନ୍ଦପୁର ଭାୟା ଠାକୁରମୁଣ୍ଡା ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଅନ୍ୟପକ୍ଷରେ ଠାକୁରମୁଣ୍ଡାର ସମସ୍ତ ଦୋକାନ ବଜାର, ସରକାରୀ ପ୍ରତିଷ୍ଠାନ ଓ ବ୍ୟାଙ୍କଗୁଡ଼ିକ ଖୋଲା ରହିଥିଲା। ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘର ସମ୍ପାଦକ ସୁରେନ୍ଦ୍ର ହାଁସଦା, ସମ୍ପାଦକ ନିମାଇଁ ମୁର୍ମୁ, ଉଦୟ ମୁର୍ମୁ, ରଘୁନାଥ ମାଝି, ସୁନାରାମ ସୋରେନ ଏବଂ ଓଡ଼ିଶା ଆଦିବାସୀ ମହାସଭାର ସଂଯୋଜକ ଜିତେନ୍ଦ୍ର ନାଥ ହାଁସଦା ପ୍ରମୁଖ ଏହି ବନ୍ଦ ପାଳନର ନେତୃତ୍ୱ ନେଇଥିଲେ।

## କୁରୁଣ୍ଟାରେ କନ୍ୟା ଦିବସ


ନାଟକରେ ଅଂଶଗ୍ରହଣ କରିଥିବା ପିଲାମାନେ।

ଖଇରା, ୨୯।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ଗ୍ରାମରେ କନ୍ୟାଦିବସ ପାଳିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀ ପାର୍ବତୀ ସାହୁ ଘର ଘର ବୁଲି ବାଲ୍ୟବିବାହ, ଶିଶୁ ନିର୍ଯାତନା, ଅପପୁଷ୍ଟି ରୋଗରୁ ମୁକ୍ତି ପାଇବାର ଉପାୟ ଉପରେ ଲୋକଙ୍କୁ ବୁଝାଇଥିଲେ। ପରେ ଗ୍ରାମର କୁନି କୁନି ପିଲାମାନଙ୍କୁ ନେଇ ଏକ ସଚେତନତା ନାଟକ ପରିବେଷଣ କରାଯାଇଥିଲା। ଆଶା କର୍ମୀ ରିତାଞ୍ଜଳୀ ପାତ୍ରୀଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ହୋଇ ବାଲ୍ୟ ବିବାହ ଭଳି ଅନ୍ଧବିଶ୍ୱାସରୁ ଦୂରେଇ ରହିବାକୁ ସଂକଳ୍ପ ନେଇଥିଲେ।

## ଶାଶୁ, ଶ୍ୱଶୁର ଓ ଦେଢ଼ଶୁର ଗିରଫ

**ତଣ୍ଟି ଚିପି ହତ୍ୟା ଉଦ୍ୟମ**

ବଡବିଲ, ୨୯।୧(ସ୍ୱ.ପ୍ର)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ପିଏଚଡି ଅଞ୍ଚଳରେ ଜଣେ ମହିଳାଙ୍କୁ ଯୌତୁକ ଜନିତ ନିର୍ଯାତନା ଓ ତଣ୍ଟି ଚିପି ହତ୍ୟା ଉଦ୍ୟମ ଅଭିଯୋଗରେ ସଂପୃକ୍ତ ଶାଶୁ, ଶ୍ୱଶୂର, ଦେଢଶୂରଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ସ୍ୱାମୀ ଫେରାର ଅଛନ୍ତି।

ସୂଚନା ଅନୁଯାୟୀ, ବଡବିଲ ପୌରପାଳିକା ୮ନଂ ୱାର୍ଡ ପିଏଚଡି ଅଞ୍ଚଳରେ ରହୁଥିବା ଉତ୍ତରପ୍ରଦେଶ ଆମ୍ବେଦକର ନଗର ଜିଲା ଆଶ୍ୱର ଥାନା ଅନ୍ତର୍ଗତ ମହମ୍ମଦପୁର ଅଞ୍ଚଳର ଦିଲୀପ ଜୟସ୍ୱାଲଙ୍କ ପୁଅ ପ୍ରିନ୍ସ ଜୟସ୍ୱାଲଙ୍କ ସହ ୨୦୨୦ ମସିହା ଜୁନ ୩୦ ରେ ରୀନାଙ୍କର ବିବାହ ହୋଇଥିଲା। ବିବାହ ସମୟରେ ରୀନାଙ୍କ ପରିବାର ଲୋକେ ଲକ୍ଷାଧିକ ଟଙ୍କା,ଅଳଙ୍କାର, ଆସବାବ ପତ୍ର ଆଦି ଯୌତୁକ ବାବଦକୁ ଦେଇଥିଲେ। ହେଲେ ବିବାହ ପରେ ରୀନାଙ୍କ ଶାଶୁ ଘର ଲୋକେ ଅଧିକ ଦଶ ଲକ୍ଷ ଟଙ୍କା ଯୌତୁକ ଦାବି କରୁଥିଲେ। ଏ ନେଇ ଥାନାରେ ବାରମ୍ବାର ଅଭିଯୋଗ ଓ ମିଳାମିଶା ହୋଇଥିଲା। ତେବେ ଗତ ମଙ୍ଗଳବାର ରାତିରେ ରୀନା ଶୋଇଥିବାବେଳେ ସ୍ୱାମୀ ପ୍ରିନ୍ସ ରୀନାଙ୍କ ମୁହଁକୁ ଚାପି ଧରି ହତ୍ୟା ଉଦ୍ୟମ କରିଥିଲେ। କୌଣସିମତେ ରୀନା ସେମାନଙ୍କ କବଳରୁ ଖସି ବଡବିଲ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଥାନାରେ ଏକ ମାମଲା (ନଂ.୧୩/୨୧)ରୁଜୁ କରି ଅଭିଯୁକ୍ତ ଶାଶୁ, ଶ୍ୱଶୂର ଓ ଦେଢଶୂରଙ୍କୁ ଗିରଫ କରିଛି। ଫେରାର ଥିବା ସ୍ୱାମୀ ପ୍ରିନ୍ସଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

## ମୃତ ଶିଶୁକନ୍ୟା ଜନ୍ମ ନେଇ ଉତ୍ତେଜନା

ବାସୁଦେବପୁର, ୨୯।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଡାକ୍ତରଖାନାରେ ଶୁକ୍ରବାର ସକାଳେ ଆନ୍ଦୋଳା ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କର ଏକ ମୃତ ଶିଶୁକନ୍ୟା ଜନ୍ମ ନେଇଥିଲା। ଚିକିତ୍ସା ଅବହେଳାରୁ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଅଭିଯୋଗ ଆଣି ପ୍ରସୂତିଙ୍କ ପରିବାର ଲୋକ ଡାକ୍ତରଖାନା ସମ୍ମୁଖରେ ହୋହଲ୍ଲା କରିଥିଲେ। ଏହାକୁ ନେଇ କିଛି ସମୟ ଧରି ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତର ଓ ମେଡିକାଲ କର୍ମଚାରୀମାନେ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ ସାମନ୍ତଙ୍କୁ ପଚାରିବାରୁ କହିଛନ୍ତି, ପ୍ରସବ ପାଇଁ ଆସିଥିବା ଏହି ମହିଳାଙ୍କର ଚିକିତ୍ସା ଦୁଇଦିନ ଧରି କରାଯାଉଥିଲା। ତାଙ୍କର ମୃତ ଶିଶୁକନ୍ୟା ଜନ୍ମ ହୋଇଥିବା ଜଣାପଡ଼ିବା ପରେ ଉତ୍ତେଜନା ଦେଖାଦେଇଥିଲା। ଚିକିତ୍ସା ଅବହେଳା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି।

## ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଅର୍ଥ ଫେରସ୍ତ ଲାଗି ସମୀକ୍ଷା

ବାଲେଶ୍ୱର ଅଫିସ, ୨୯।୧

କ୍ଷତିଗ୍ରସ୍ତ ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ସମ୍ପର୍କିତ ଏକ ସମୀକ୍ଷା ବୈଠକ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ବାଲେଶ୍ୱର ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲାପାଳ ହରିଶ ଚନ୍ଦ୍ର ଜେନା, ଡେପୁଟି କଲେକ୍ଟର ଅରଣା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଭିଡିଓ କନଫରେନ୍ସ ଜରିଆରେ ବିଭିନ୍ନ ତହସିଲଦାର, ରାଜସ୍ୱ ନିରୀକ୍ଷକ, ସିଡିପିଓ ଓ ଅନ୍ୟାନ୍ୟ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ କମିଶନଙ୍କ ରିପୋର୍ଟ ନମ୍ବର ୩ ଓ ୪ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୪୧୬୧ଜମାକାରୀ ସେମାନଙ୍କ ବଣ୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ପ୍ରଦାନ କରି ନ ଥିବାରୁ ଜମାରାଶି ଫେରସ୍ତ ପାଇପାରି ନାହାନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଫେବୃୟାରୀ ୧ରୁ ୭ତାରିଖ ପର୍ଯ୍ୟନ୍ତ ଏଥିପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଏହି ସମୟରେ ସମସ୍ତ ରାଜସ୍ୱ ନିରୀକ୍ଷକ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଉପସ୍ଥିତ ରହିବେ। ଜମାକାରୀମାନେ ଚାହିଁଲେ ସେମାନେ ତହସିଲ କିମ୍ବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏହା ଦେଇପାରିବେ। ଏ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସମସ୍ତ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର, ସିଡିପିଓ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏବଂ ଜିଆରଏସ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ମଧ୍ୟ ଘର ଘର ବୁଲି ଲୋକମାନଙ୍କୁ ସଚେତନ କରିବା ସହିତ ସେମାନଙ୍କ ଠାରୁ ଫର୍ମ ଗ୍ରହଣ କରିପାରିବେ। ତେଣୁ ଏହାକୁ ଶେଷ ସୁଯୋଗ ଭାବେ ଗ୍ରହଣ କରି ଜମାକାରୀମାନେ ଏହାର ଲାଭ ଉଠାଇବାକୁ ଜିଲାପାଳ ସମସ୍ତ ଜମାକାରୀଙ୍କୁ ଅନୁରୋଧ କରିଛନ୍ତି।

## ଅସହାୟଙ୍କ ସାଥୀ ନିରୋଦ

ଧାମନଗର, ୨୯।୧

ଅସହାୟ ଓ ଗରିବ ଲୋକଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ରହିଛି। କିନ୍ତୁ କାହାକୁ ସରକାରୀ ଯୋଜନାରେ ସୁବିଧା ମିଳୁଛି ତ ଆଉ କାହା ପାଇଁ ଏହା ଅପହଞ୍ଚ। ଏଭଳି ଅସହାୟ ଲୋକଙ୍କ ସାଥୀ ସାଜିଛନ୍ତି ଭଦ୍ରକ ଜିଲା ଧାମନଗର ଅଞ୍ଚଳର ଯୁବ ସାମାଜିକ କର୍ମୀ ନିରୋଦ ରାଉତ। ଦକ୍ଷିଣବାଡ଼ ଗ୍ରାମର ସାମାଜିକ କର୍ମୀ ଦାମୋଦର ରାଉତଙ୍କ ପୁଅ ନିରୋଦ। ଅସହାୟ ପରିବାର ପାଖରେ ପହଞ୍ଚି ସେ ସହାୟତାର ହାତ ବଢ଼ାଉଛନ୍ତି। ଏଥିସହ ତାଙ୍କ ସହାୟତା କାର୍ଯ୍ୟକ୍ରମକୁ ବଢ଼ାଇବା ପାଇଁ ସେ ଆଶାବ୍ୟକ୍ତ କରିଛନ୍ତି। ଦକ୍ଷିଣବାଡ଼ ଗ୍ରାମବାସୀଙ୍କୁ ନେଇ ଆୟୋଜିତ ବନ୍ଧୁମିଳନରେ ସେ ଏ ବିଷୟରେ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସେ ଏକ ଆମ୍ବୁଲାନ୍ସ ପ୍ରଦାନ କରିଥିଲେ। ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ ପଢ଼ାଇବା ସହ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ଟଙ୍କା ଯୋଗାଇବା, କୌଣସି ଗରିବ ଲୋକଙ୍କ ଝିଅ ବିବାହ ଲାଗି ଆର୍ଥିକ ଆବଶ୍ୟକତା ପଡ଼ିଲେ ସମସ୍ତ ଟଙ୍କା ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ନିରୋଦ। ଏ ନେଇ ଗ୍ରାମରେ ଏକ କମିଟି ଗଠନ କରାଯାଇ ଅସୁବିଧାକୁ ହୃଦୟଙ୍ଗମ କରି କମିଟି ତାଙ୍କୁ ରିପୋର୍ଟ କଲେ ସହାୟତା ପାଇଁ ସେ ଆଗେଇ ଆସିବେ ବୋଲି କହିଛନ୍ତି। ମନ୍ମଥ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଆଇନଜୀବୀ ମାୟାଧର ବାରିକ, ଖବରଦାତା ଅନିଲ କୁମାର ବାରିକ, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


ନିରୋଦ ରାଉତ।

## 'ପର୍ଯ୍ୟଟନଶିଳ୍ପର ବିକାଶ ଲାଗି ଗୁରୁତ୍ୱ ଦିଆଯାଉ'

ବାଲେଶ୍ୱର ଅଫିସ, ୨୯।୧

ବାଲେଶ୍ୱର ସହର ରାଣୀପାଟଣାସ୍ଥିତ କଲ୍ୟାଣମଣ୍ଡପ ପରିସରରେ ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ପ୍ରମୁଖ ସଙ୍ଗଠନ ଭଏସ୍ ଅଫ୍ ବାଲେଶ୍ୱର, ଭଞ୍ଜସେନା ଓ କେନ୍ଦୁଝର ଡେଭଲପମେଣ୍ଟ କାଉନ୍‌ସିଲର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଉତ୍ତରଓଡ଼ିଶାରେ ଏକ ପର୍ଯ୍ୟଟନ ବଳୟର ବିକାଶ ସହ ଅବହେଳିତ ଅବସ୍ଥାରେ ରହିଥିବା ଏସିଆ ମହାଦେଶର ସର୍ବବୃହତ୍ ଅମର୍ଦ୍ଦା ଏୟାରଷ୍ଟ୍ରିପ୍‌କୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

ଉତ୍ତରଓଡ଼ିଶାରେ ପ୍ରାକୃତିକ ସମ୍ଭାର ଥିବା ସତ୍ତ୍ୱେ ଏହି ଅଞ୍ଚଳରେ ପର୍ଯ୍ୟଟନ ଶିଳ୍ପର ବିକାଶ ନୈରାଶ୍ୟଜନକ। ଅଧିକାଂଶ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ପ୍ରଦାନ ଲାଗି ଗୁରୁତ୍ୱ ଦିଆଯାଉନାହିଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏସିଆ ମହାଦେଶର ସର୍ବବୃହତ୍ ଏରୋଡ୍ରମ୍ ଭାବେ ପରିଚିତ ତଥା ମୟୂରଭଞ୍ଜ ରାସଗୋବିନ୍ଦପୁରସ୍ଥିତ ଅମର୍ଦ୍ଦା ଏୟାରଷ୍ଟ୍ରିପ୍‌ର ପୁନରୁଦ୍ଧାର କରାଯାଇ ସେଠାକୁ ବେସାମରିକ ବିମାନ ଚଳାଚଳର ବ୍ୟବସ୍ଥା କରିବାକୁ ଦୀର୍ଘବର୍ଷରୁ ଦାବି ହୋଇଆସୁଥିଲେ ହେଁ ସେଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଏହା କାର୍ଯ୍ୟକ୍ଷମ ହେଲେ ସମଗ୍ର ଉତ୍ତରଓଡ଼ିଶାବାସୀ ପ୍ରତ୍ୟକ୍ଷ ଭାବେ ଉପକୃତ ହୋଇପାରନ୍ତେ ବୋଲି ମୟୂରଭଞ୍ଜ ଅଗ୍ରଣୀ ଯୁବ ଛାତ୍ର ସଙ୍ଗଠନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗକେଶରୀ ଜେନା, ଭଏସ୍ ଅଫ୍ ବାଲେଶ୍ୱରର ବରିଷ୍ଠ ସଦସ୍ୟ ଅରିଜିତ୍ ଘୋଷାଲ, କେନ୍ଦୁଝର ଡେଭେଲପ୍‌ମେଣ୍ଟ କାଉନସିଲର ସନ୍ଦୀପ ପଟ୍ଟନାୟକ ପ୍ରମୁଖ କହିଛନ୍ତି।

## ଜଳିଗଲା ୪ ବଖରା

ବନ୍ତ,(ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ କଣ୍ଟାପଡ଼ା ଦାସସାହି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୪ ବଖରା ଘର ଜଳିଯାଇଛି। ଗ୍ରାମର ଗଣନାଥ ଦାସଙ୍କର ୨, ଜଗାକାଳିଆ ଦାସ ଓ ଭକ୍ତହରି ଦାସଙ୍କର ବଖରାଏ ଲେଖାଏ ପୋଡ଼ି ଯାଇଛି। ଆଗରପଡ଼ା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେମାନଙ୍କ ଘରେ ଥିବା ସମସ୍ତ ଆସବାବପତ୍ର, ଧାନ, ଚାଉଳ, ଲୁଗା ଆଦି ପୋଡ଼ି ଯାଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୯୯ ହଜାର ହେବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ଜଣାଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

## ସଂକ୍ଷେପରେ

### ବାଲି ବୋଝେଇ ଗାଡ଼ି ଜବତ: ୨ ଗିରଫ

ଭଣ୍ଡାରିପୋଖରୀ,୨୯।୧ (ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ପୋଲିସ ଶୁକ୍ରବାର ସକାଳେ ବେଆଇନ ବାଲି ପରିବହନ କରୁଥିବା ୨ ଟ୍ରାକ୍ଟରକୁ ନାଆଁମୀ ଛକଠାରୁ ଜବତ କରିଛି। ୨ ଚାଳକ ନାଆଁମୀ ଗ୍ରାମର ନାରାୟଣ ମାଝୀ ଓ କେନ୍ଦୁଝର ଅଞ୍ଚଳର ନିଧିଆ ମୁଣ୍ଡାଙ୍କୁ ଗିରଫ କରିଛି ପୋଲିସ। ଏ ନେଇ ଥାନାରେ ମାମଲା (ନଂ. ୪୦/୨୧) ରୁଜୁ କରାଯାଇ ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏସ୍ଆଇ ବିଭୂତି ଭୂଷଣ ସ୍ୱାଇଁଙ୍କ ନେତୃତ୍ୱରେ କନଷ୍ଟେବଳ ରତିକାନ୍ତ ଦାସ ଓ କମଳାକାନ୍ତ ନାୟକ ଚଢ଼ାଉ କରିଥିଲେ।

### ଟାଟା ଷ୍ଟିଲ୍ ପକ୍ଷରୁ ଛତୁଚାଷ ପ୍ରଶିକ୍ଷଣ

ଯୋଡ଼ା,୨୯।୧(ଡି.ଏନ୍.ଏ.): ଟାଟା ଷ୍ଟିଲ ପକ୍ଷରୁ କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ବିଛାକୁଣ୍ଡିଠାରେ ଗୁରୁବାର 'ଛତୁ ଚାଷ' ସମ୍ପର୍କିତ ଏକ ଦିନିକିଆ ପରିଦର୍ଶନ ଯାତ୍ରା ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପଲସା 'କ' ଓ ପଲସା 'ଖ' ଗ୍ରାମର ୭ଟି ଏସ୍ଏଚ୍ଜିର ୨୪ଜଣ ସଦସ୍ୟ ସମଲେଶ୍ୱରୀ 'ଛତୁ ଚାଷ ୟୁନିଟ୍' ପରିଦର୍ଶନ ସହ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନ୍ର ପ୍ରଦୀପ୍ତ କୁମାର ମାନସିଂହ ଓ ଅଜହର ଅଲ୍ଲୀ ଏସ୍ଏଚ୍ଜି ସଦସ୍ୟଙ୍କୁ ଛତୁ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏସ୍ଏଚ୍ଜି ସଦସ୍ୟଙ୍କୁ ନିଜର ଛତୁ ଚାଷ ୟୁନିଟ୍ ସ୍ଥାପନ ପାଇଁ ବୈଷୟିକ ଶିକ୍ଷା ଏବଂ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ ଏହି ପରିଦର୍ଶନ ଯାତ୍ରାର ଆୟୋଜନ କରାଯାଇଥିଲା। ଟାଟା ଷ୍ଟିଲ ମାଙ୍ଗାନିଜ ଖଣି ସମୂହର ମୁଖ୍ୟ ଅମିତ କୁମାର ଦୁବେ ଅଂଶଗ୍ରହଣକାରୀଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କୁ ଛତୁ ଚାଷ ଆରମ୍ଭ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ।

### ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୯।୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରର ମୁର୍ମୁ ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ କାତରା ଚନ୍ଦନପୁର ଗ୍ରାମର ଦେବାଶିଷ ବେହେରା। ସେ ରାଇରଙ୍ଗପୁର ସହରର ଏକ ହୋଟେଲରେ କାମ କରୁଥିଲେ। ଟାଉନଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଜଗନ୍ନାଥପୁର ଟିମ୍ ଚାମ୍ପିୟନ

ବାହାନଗା, ୨୯।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡରେ ଥିବା ପଞ୍ଚମୁଖୀ ହନୁମାନ କ୍ଲବ ପକ୍ଷରୁ ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏହି ଟୁର୍ନାମେଣ୍ଟରେ ରୂପଖଣ୍ଡ ଭଲିବଲ ଟିମ୍କୁ ହରାଇ ଜଗନ୍ନାଥପୁର ଭଲିବଲ ଟିମ୍ ଚାମ୍ପିୟନ ହୋଇଛି। ଏହାକୁ ଉଦ୍ଘାଟନ କରିଥିଲେ ସରପଞ୍ଚ ଶିଶିର କୁମାର ଅଗସ୍ତି। ୧୦ଟି ଟିମ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରେଫରି ଭାବେ ସର୍ବଭାରତୀୟ ଭଲିବଲ ରେଫରି ମାନସ ମିଶ୍ର ଓ ରାଜେଶ ଦାସ କାର୍ଯ୍ୟ ତୁଲାଉଥିବା ବେଳେ ଲାଇନ୍ମ୍ୟାନ ଭାବେ ବାଉ ବେହେରା ଓ ସପନା ମାଝି ଥିଲେ। ସ୍କୋର ବୋର୍ଡରେ ନିହାର ରଞ୍ଜନ ଅଗସ୍ତି, ଦାମୋଦର ଖିଲାର କାର୍ଯ୍ୟ ତୁଲାଇଥିଲେ ଚାମ୍ପିୟନ ଦଳକୁ ମୁଖ୍ୟଅତିଥି ସରପଞ୍ଚ ଶିଶିର କୁମାର ଅଗସ୍ତି ଟ୍ରଫି ପ୍ରଦାନ କରିଥିଲେ। ବିଜୟ ମହାରଣାଙ୍କ ଦ୍ୱାରା ୩ହଜାର ଟଙ୍କା ଚାମ୍ପିୟନ ଦଳକୁ ପ୍ରଦାନ କରାଯାଇଥିଲା।

# ଆରମ୍ଭ ହେଲା ସାଟେଲାଇଟ୍ ସର୍ଭେ

ଜଳେଶ୍ୱର, ୨୯।୧(ଡି.ଏନ.ଏ.)

**ଓଡ଼ିଶା-ପଶ୍ଚିମବଙ୍ଗ ସୀମା ବିବାଦ**

ଦୀର୍ଘବର୍ଷ ହେଲା ଓଡ଼ିଶା-ପଶ୍ଚିମବଙ୍ଗ ସୀମା ବିବାଦ ଲାଗି ରହିଛି। ପଶ୍ଚିମବଙ୍ଗ ବାଲିମାଫିଆମାନେ ଓଡ଼ିଶା ସୀମାରୁ କୋଟି କୋଟି ଟଙ୍କାର ବାଲି ଚୋରାଚାଲାଣ କରି ମାଲେମାଲ ହେଉଛନ୍ତି। ବେଆଇନ ବାଲି ଉତ୍ତୋଳନ ଯୋଗୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ନଦୀକୂଳ ଗ୍ରାମ ବିଳାସପୁର, ଗୋପାଳପୁର, କୁଆଁରପୁର, ମାର୍କିଡ଼ିଆ, ତୋଟାପଡ଼ା, ବେହେରାସାହି, ପ୍ରହରାଜପୁର, ଦକ୍ଷିଣ ପ୍ରହରାଜପୁର ଓ ମକରମପୁର ଗାଁ ପ୍ରତି ବିପଦ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଏନ୍ଜିଟିରେ ମାମଲା ଚାଲୁ ରହିଥିଲା ବେଳେ ଉଭୟ ରାଜ୍ୟକୁ କୋର୍ଟ ତାଗିଦ୍ କରିବା ସହ ଏହାର ସୀମା ନିର୍ଦ୍ଧାରଣ ଲାଗି ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଏହି ସମସ୍ତ ଗ୍ରାମର ସୀମାରେ ଜଳେଶ୍ୱର ତହସିଲ ପକ୍ଷରୁ ମାପଚୁପ କରାଯାଇ ୩୬ଟି ପଏଣ୍ଟ ନିର୍ଦ୍ଧାରଣ କରାଯାଇଛି।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଏଗୁଡ଼ିକର ସାଟେଲାଇଟ୍ ପଏଣ୍ଟ ନିର୍ଦ୍ଧାରଣ ଲାଗି ଆସ୍କାର ସାଟେଲାଇଟ୍ ପକ୍ଷରୁ ୧୦ଜଣିଆ ବୈଜ୍ଞାନିକ ଦଳ ଏଠାରେ ପହଞ୍ଚି ଏଗୁଡ଼ିକର ଜିଜିପି ଓ ଇଟିଏସ୍ ହାଇଟେକ୍ ସାଟେଲାଇଟ୍ସର୍ଭେ କରିଛନ୍ତି। ଭବିଷ୍ୟତରେ ନଦୀ ମଧ୍ୟରେ ଏହି ପଏଣ୍ଟଗୁଡ଼ିକ ନଷ୍ଟ ହୋଇଗଲେ ମଧ୍ୟ ତାହା ପୁଣିଥରେ ପୁନଃ ଅବସ୍ଥାପନା କରାଯାଇପାରିବ ବୋଲି ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା କହିଛନ୍ତି। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଏହି ସର୍ଭେ କାର୍ଯ୍ୟ ଚାଲିବାକୁ ଥିବାବେଳେ ଶୁକ୍ରବାର ସୁଦ୍ଧା ୨୦ଟି ବୋଲି ଜଣାଯାଇଛି। ଏହି କାର୍ଯ୍ୟରେ ଜଳେଶ୍ୱର ତହସିଲର ଆରଆଇ ଦିଲୀପ କୁମାର ଚନ୍ଦ, ମାନସ କୁମାର ବେହେରା, ସୃଷ୍ଟିଧର ପଞ୍ଚାୟତ, ସଞ୍ଜୟ ପଣ୍ଡା, ଇନ୍ସପେକ୍ଟର ପ୍ରତାପ ଭଞ୍ଜ, ଗୌରାଙ୍ଗ ଜେନା, ଅମୀନ ସୁବଳ ପରିଡ଼ା ଓ ବିବେକ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।


ସାଟେଲାଇଟ୍ ସର୍ଭେ କରାଯାଉଛି।

# ଏଫ୍ଏମ୍ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ନିର୍ବାଚନ

ବାଲେଶ୍ୱର ଅଫିସ, ୨୯।୧

ବାଲେଶ୍ୱର ଏଫ୍ଏମ୍ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ଏଫ୍ଏମ୍ୟୁଟିଏ) ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ଦୁଇବର୍ଷ ପାଇଁ ବିଭିନ୍ନ ପଦବୀ ନିମନ୍ତେ ମତଦାନ କରାଯାଇଥିଲା। ସମ୍ପାଦକ ପଦ ପାଇଁ ମତଦାନ କରାଯାଇଥିଲା। ମାତ୍ର ଅନ୍ୟ ସମସ୍ତ ପଦବୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସମ୍ପନ୍ନ ହୋଇଥିଲା।

ଏହି ନିର୍ବାଚନରେ ସଭାପତି ଭାବେ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, ଉପସଭାପତି ଡ. ଭାସ୍କର ବେହେରା, ସାଧାରଣ ସମ୍ପାଦକ ଭାବେ ଡ. ଆର୍ତ୍ତବନ୍ଧୁ ଜେନା, ସହସମ୍ପାଦିକା ଡ. ଭାରତୀ ବାଳା ପଟ୍ଟନାୟକ, କୋଷାଧ୍ୟକ୍ଷ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ୯ଜଣ ସଦସ୍ୟ ଡ. ରଣୀନ୍ଦ୍ର କୁମାର ନାୟକ, ଡ. ଦେବାଶିଷ ପାତ୍ର, ଡ. ପଙ୍କଜ କୁମାର ପାଢ଼ୀ, ଡ. ଅସୀମ ଅମିତାଭ ପ୍ରଧାନ, ଡ. ସବିତା ସୋରେନ୍, ଡ. ଜଗନ୍ନାଥ ବେହେରା, ଡ. ସୁଶୀଲ କୁମାର ପାଢ଼ୀ, ଡ. ଅଶାନ୍ତ ରଞ୍ଜନ ରାଉତରାୟ, ଡ. ସଞ୍ଜୟ କୁମାର ପାଢ଼ୀ ଏକ୍ଜିକ୍ୟୁଟିଭ୍ କମିଟି ପାଇଁ ନିର୍ବାଚିତ ହୋଇଛନ୍ତି।

# ଅହୋରାତ୍ର ଗଣଧାରଣା ଜାରି


ନୀଳଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

ସଜନାଗଡ଼, ୨୯।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ ବ୍ଲକ ଆଗରେ ଦିଆଯାଇଥିବା ଅହୋରାତ୍ର ଧାରଣା ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ପୂର୍ବରୁ ଉକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଲାଞ୍ଚ ନେଉଥିବା ସମୟର ଭିଡ଼ିଓ ଭାଇରାଲ୍ ହୋଇଥିଲା। ପୁଣି ସମ୍ପୃକ୍ତ ଯନ୍ତ୍ରୀ ଟିଏମ୍ସି ସେଣ୍ଟର ମରାମତି କାର୍ଯ୍ୟର ବିଲ୍ କରିବାକୁ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କିତ ଏକ ଭିଡ଼ିଓ ଭାଇରାଲ ହୋଇଥିବା ବେଳେ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି। ଏ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଅଞ୍ଚଳବାସୀ ଦିବାରାତ୍ର ଧାରଣା ଦେଇଛନ୍ତି।ଏହାକୁ ସମର୍ଥନ ଜଣାଇ ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ସହ ସିଆଡିମାଳ ସମିତିସଭ୍ୟା ଶମ୍ବାରି ସିଂ, ଆରବନ୍ଦର ସମିତିସଭ୍ୟ ଅର୍ଜୁନ ମାରାଣ୍ଡି ପ୍ରମୁଖ ଗଣଧାରଣାରେ ସାମିଲ ହୋଇଛନ୍ତି।

# କାର୍-ଅଟୋ ମୁହାଁମୁହିଁ: ଜଣେ ମୃତ, ୧୬ ଗୁରୁତର

ରାସଗୋବିନ୍ଦପୁର, ୨୯।୧(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବାରିପଦା-ଅମର୍ଦ୍ଧାରୋଡ୍ ରାସ୍ତାର ବାଙ୍କବଣ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୬ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ ବାରିପଦା ସ୍ଥିତ ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି। ମୃତକ ହେଲେ ସୀମା ବେହେରା। ଅନ୍ୟ ଆହତମାନେ ରାସଗୋବିନ୍ଦପୁର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ଅମର୍ଦ୍ଧାରୋଡ୍ରୁ ଏକ ଯାତ୍ରୀବାହୀ ଅଟୋରେ ୧୫ଜଣ ଶ୍ରମିକ କାମ କରି ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଅଟୋ ଚାଳକ ସମେତ ଅଟୋରେ ଥିବା ଶ୍ରମିକମାନେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ଗୁରୁତର ଯାତ୍ରୀମାନେ ହେଲେ ଅଟୋ ଚାଳକ ଜାକିର ହୁସେନ, ସୁମତୀ ବେହେରା, ପୁଷ୍ପାଞ୍ଜଳି ବେହେରା, ସାବିତ୍ରୀ ମୁଖୀ, କାଳି ମହାକୁଡ଼, ମୀନା ମୁଖୀ, ଶାନ୍ତି ବିଶ୍ୱାଳ, ଛବି ମୁଖୀ, ଗୀତା ଜେନା, ସୁଭଦ୍ରା ନାଏକ, ରୀତା ବେହେରା, ପ୍ରମିଳା ବିଶ୍ୱାଳ, ଝିଲି ବେହେରା ଓ ଚୁମକି ମୁଖୀ। ସମସ୍ତଙ୍କ ଘର ରାସଗୋବିନ୍ଦପୁର ହାଟସାହି ଓ ମୁଖୀସାହିରେ। କାର୍ ଚାଳକ ସାରସକଣା ବ୍ଲକ ବମ୍ଫେଛକର ଜ୍ୟୋତିପ୍ରକାଶ ମଲିକ ଓ କେନ୍ଦୁଝର ଟାଉନ ଥାନା ଅଞ୍ଚଳର ଆଲୋକ ସାହୁ ଆହତ ହୋଇଛନ୍ତି। ଖବରପାଇ ରାସଗୋବିନ୍ଦପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଓ ଦମକଳବାହିନୀ କର୍ମଚାରୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ।


ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଉଛି।

# ଜ୍ୟାକ୍ ରଡ୍ ମାଡ଼ରେ ଚାଳକ ଗୁରୁତର, ହେଲ୍ପର୍ ଗିରଫ

ପାଟଣା,୨୯।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଡୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ହାତୀବାରି ନିକଟରେ ଏକ ୧୨ ଚକିଆ ଟ୍ରକ ହେଲପର୍ଙ୍କ ଜ୍ୟାକ ରଡ଼ ଆକ୍ରମଣରେ ଉକ୍ତ ଗାଡିର ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ହୋଇଥିବା ଟ୍ରକ ଚାଳକ ହେଲେ ବିହାର ରାଜ୍ୟ ଦେଓଘର ଜିଲା ଦେବୀପୁର ଥାନା ବାରଗୁନିଆ ଗ୍ରାମର ଭୁବନେଶ୍ୱର ଚୌହାନ। ମାଡ଼ ମାରିଥିବା ହେଲପର୍ଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବିହାର ରାଜ୍ୟ ସିତାମାଢ଼ି ଜିଲା ରାସଲପୁର ଗ୍ରାମର ଲାଲୁ ସାହାଣୀ। ଟାୟାର ଖୋଲିବାକୁ ନେଇ ଉଭୟ ଚାଳକ ଓ ହେଲପର୍ଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ହେଲପର୍ ଉତକ୍ଷିପ୍ତ ହୋଇ ଟାୟାର ଖୋଲୁଥିବା ଜ୍ୟାକ ରଡରେ ଚାଳକଙ୍କୁ ଆକ୍ରମଣ କରିଥିଲଲେ ।

# ଦାୟିତ୍ୱ ନେଲେ ନୂଆ ଅତିରିକ୍ତ ଜିଲାପାଳ

ଭଦ୍ରକ ଅଫିସ,୨୯।୧

ଭଦ୍ରକର ନୂତନ ଅତିରିକ୍ତ ଜିଲାପାଳ(ସାଧାରଣ) ଭାବେ ଇନ୍ଦ୍ରମଣି ନାୟକ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ପୂର୍ବତନ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଯୁଗ୍ମ ଶାସନ ସଚିବ ଭାବେ ବଦଳି ହେବା ପରେ ନାୟକ ତାଙ୍କଠାରୁ ଦାୟିତ୍ୱ ଭାର ନେଇଛନ୍ତି। ସେ ଏହା ପୂର୍ବରୁ ଯାଜପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ସେ ଦାୟିତ୍ୱ ନେବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ବୁଲି ଦେଖିବା ସହ ଅଧିକାରୀମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ। କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

# ପ୍ରଥମ ଦିନରେ ହବିବ କ୍ଲବ ବିଜୟୀ


ଅତିଥିଙ୍କ ଦ୍ୱାରା ଟୁର୍ନାମେଣ୍ଟ ଉଦ୍ଘାଟନ କରାଯାଉଛି।

ବାଲେଶ୍ୱର ଅଫିସ,୨୯।୧

ବାଲେଶ୍ୱର ଦରଘା ମଇଦାନ କ୍ରିକେଟ୍ କ୍ଲବ ପକ୍ଷରୁ ସ୍ଥାନୀୟ ଦରଘା ପଡ଼ିଆରେ ଶୁକ୍ରବାର ଟି-୧୦ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଆଲୋକ ସାହୁ, ବିଶିଷ୍ଟ ସମାଜସେବୀ ସଲିମ ରାଜା, ପୂର୍ବତନ କାଉନ୍ସିଲର ସାକିର ଖାନ୍, ଯୁବନେତା ଭାଗବତ ସାହୁ, ସେଖ୍ ରାଜୁ, ସେଖ୍ ଆୟୁବ୍, ଇନ୍ତେଖାବ୍ ଅଲ୍ଲୀ ଖାଁ, ସେଖ୍ ବାବଲୁ, ସାହିରୁଲ ହକ୍, ସେଖ୍ ଲାଲା ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ଟୁର୍ନାମେଣ୍ଟରେ ମୋଟ୍ ୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚ୍ ହବିବି କ୍ରିକେଟ ଟିମ୍ ଏବଂ ବିଜ୍ଲି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଜ୍ଲି କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୧ ଉଇକେଟ୍ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ଜବାବରେ ହବିବି କ୍ଲବ ୯.୫ ଓଭରରେ ୭ ଉଇକେଟ୍ ହରାଇ ୧୪୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା।

# ମୁଖପତ୍ର 'ଶ୍ରୀ' ଉନ୍ମୋଚିତ

ବାଲେଶ୍ୱର ଅଫିସ, ୨୯।୧

ବାଲେଶ୍ୱର କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ମୁଖପତ୍ର 'ଶ୍ରୀ' (୨୦୧୯-୨୦ ସଂଖ୍ୟା)ର ଉନ୍ମୋଚନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚଳିତମାସ ୩୧ରେ ଅବସର ଗ୍ରହଣ କରିବାକୁ ଯାଉଥିବା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସୁସ୍ମିତା ମିଶ୍ର ଯୋଗଦେଇଥିବା ସମସ୍ତ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀଙ୍କୁ ସ୍ୱାଗତ ଜଣାଇ 'ଶ୍ରୀ'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ରଶ୍ମିରେଖା ପତି ଯୋଗଦେଇଥିଲେ। 'ଶ୍ରୀ'ର ସମ୍ପାଦିକା ଡ. ସୁବ୍ରତା ଦେବାଙ୍ଗନା ଅତିଥି ପରିଚୟ, ସହ-ସମ୍ପାଦକ ଡ. ଦେବାଶିଷ ପତି 'ଶ୍ରୀ'ର ନୂତନ ସଂଖ୍ୟାରେ ସମ୍ପାଦକୀୟ ଭୂମିକା ଉପସ୍ଥାପନ କରିଥିଲେ। ସହ-ସମ୍ପାଦକ ଡ. ରାଧାଗୋବିନ୍ଦ କୁଇଲା 'ଶ୍ରୀ'ରେ ସ୍ଥାନିତ ଲେଖାଗୁଡ଼ିକ ଉପରେ ବିଶ୍ଳେଷଣ କରିଥିଲେ।

# କଂକ୍ରିଟ୍ ରାସ୍ତା ନିର୍ମାଣ ନିମ୍ନମାନର

ଯୋଡ଼ା,୨୯।୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳରେ ଥିବା ୨ ନଂ ରାଜ୍ୟ ରାଜପଥର କମାରଯୋଡା ଠାରେ ନିର୍ମାଣ ହେଉଥିବା କଙ୍କ୍ରିଟ ରାସ୍ତା ନିମ୍ନମାନର ନେଇ ସ୍ଥାନୀୟ ଅଞ୍ଚଳର ସୁରେନ୍ଦ୍ରନାଥ ମହାନ୍ତି, ମହମ୍ମଦ ରାଜନ, ସୋଏବ ଖାନ୍ ପ୍ରମୁଖ ଅଭିଯୋଗ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତାକୁ ନିର୍ମାଣ କରିବାପାଇଁ ଏକ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ଏ ବିଷୟରେ ଠିକାସଂସ୍ଥାକୁ କୁହାଯାଇଥିଲେ ମଧ୍ୟ ସମାଧାନ କରାଯାଉ ନ ଥିବା ଦର୍ଶାଯାଇଛି। ଏ ସମ୍ପର୍କରେ ବିଭାଗୀୟ ଏସ୍ଡିଓ ଅଶୋକ କୁମାର ମହାପାତ୍ର କହିଛନ୍ତି, ପୂର୍ବରୁ ଉକ୍ତ ରାସ୍ତାଟି କଂକ୍ରିଟ୍ କାମ ହୋଇଥିଲା। ତେବେ ୧ ଫୁଟ୍ ଗଭୀରରେ କଙ୍କ୍ରିଟ୍ କାମ କରାଯାଉଥିବା ବେଳେ କନିଷ୍ଠ ଯନ୍ତ୍ରୀ ତଦାରଖ କରୁଛନ୍ତି। ନିମ୍ନମାନର କାର୍ଯ୍ୟ ହେବା କଥାକୁ ସେ ଅସ୍ୱୀକାର କରିଛନ୍ତି।


ନିମ୍ନମାନର କଂକ୍ରିଟ ରାସ୍ତା।

# ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ଉଦଳା,୨୯।୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଉଦଳା ବିଜେଡି ପକ୍ଷରୁ ଏନଏସି ଅଞ୍ଚଳରେ କାର୍ଯ୍ୟରତ ୪୫ ଜଣ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଡିର ଜୀବନ ବିନ୍ଦୁ ସଂଯୋଜକ ଅମୀୟ କୁମାର ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ନଗର ସଭାପତି ବନମାଳି ବେହେରା, ପୂର୍ବତନ ଏନଏସି ଅଧ୍ୟକ୍ଷା ପ୍ରେମଲତା ଜେନା, ବ୍ଲକ ସଭାପତି ଗୋବିନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ସେରସା

ଧାମନଗର, ୩୦।୧

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ଧରମପଦା ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ମ୍ୟାଚ୍ରେ ଭୁବନେଶ୍ୱର ପାରମାଉଣ୍ଟ ସ୍ପୋର୍ଟିଂକୁ ହରାଇ ସେରସା ରାଞ୍ଚି ସେମିଫାଇନାଲକୁ ଉନ୍ନୀତ ହୋଇଛି। ସେରସା ରାଞ୍ଚି ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୮ ରନ୍ କରିଥିଲା। ପାରମାଉଣ୍ଟ ସ୍ପୋର୍ଟିଂ ୧୫.୩ ଓଭରରେ ୯୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ସୁବ୍ରତ ଜେନା ଓ ଶରତ ଜେନା ଅମ୍ପାୟର, ଦିବ୍ୟରଞ୍ଜନ ସାହୁ ଓ ସମୀର ସାହୁ ସ୍କୋରର ଥିଲେ। ଦେବପ୍ରକାଶ ନାୟକ ଓ ନରେନ୍ଦ୍ର ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ରେସବ ରାଜଙ୍କୁ ପୁରସ୍କୃତ କରାଯାଇଥିଲା।


ମ୍ୟାନ ଅଫ୍ ଦି ମ୍ୟାଚ୍ ରେସବ ରାଜଙ୍କୁ ପୁରସ୍କୃତ କରାଯାଉଛି।

# ବେକାର ଯୁବତୀ ଯୁବକଙ୍କୁ କୌଶଳ ବିକାଶ ତାଲିମ

ବାରିପଦା ଅଫିସ,୨୯।୧

ମୟୂରଭଞ୍ଜ ଜିଲା ଭଞ୍ଜପୁରଠାରେ ବେକାର ଯୁବତୀଙ୍କ ପାଇଁ କୌଶଳ ବିକାଶ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି। ଓଡ଼ିଶା ଆଦିବାସୀ ଉନ୍ନୟନ ସଂସ୍ଥାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର ଓ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଏହାକୁ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ଚିତ୍ତ ରଞ୍ଜନ ମହାପାତ୍ର, ବାରିପଦା ପିଏ ଆଇଟିଡିଏ ବସନ୍ତ କୁମାର ସେଠୀ, ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପ୍ରଫେସର ପୃଥିରାଜ ଦାସ, କେନ୍ଦ୍ର ପରିଚାଳକ ପ୍ରୀତବାସ ଗିରି ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅତିଥିମାନେ ପିଲାମାନଙ୍କୁ ଡ୍ରେସ ଓ ପାଠ୍ୟସାମଗ୍ରୀ ପ୍ରଦାନ କରିଥିଲେ।

# ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଭଦ୍ରକ ଅଫିସ,୨୯।୧



ବୈଠକରେ ଏମ୍ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଓ ଅନ୍ୟମାନେ।

**ଜିଲା ଉନ୍ନୟନ, ସମନ୍ୱୟ ଓ ମନିଟରିଂ କମିଟି(ଦିଶା) ବୈଠକ**

ଭଦ୍ରକ ଜିଲା ଉନ୍ନୟନ, ସମନ୍ୱୟ ଓ ମନିଟରିଂ(ଦିଶା) କମିଟି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏମ୍ପି ମଞ୍ଜୁଲତା ମଣ୍ଡଳ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ବିଧାୟକଙ୍କ ପ୍ରତିନିଧି ବୁଦ୍ଧଦେବ ଜେନା, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ଅସିତ୍ ଦାସ, ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଓ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଏମ୍ପି ମଣ୍ଡଳ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନା କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ। ଏମ୍ଜିଏନ୍ଆରଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ଜରିଆରେ ଅଧିକ ଶ୍ରମଦିବସ ସୃଷ୍ଟି କରାଯାଇ ଗରିବ ଶ୍ରେଣୀର ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯିବା ଉପରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ଆର୍ଥିକ ବର୍ଷରେ ଜିଲାରେ ୨୬ଲକ୍ଷ ୯୬ହଜାର ୪୦୮ କର୍ମନିଯୁକ୍ତି ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୬ ଲକ୍ଷ ୫୦ହଜାର ୭୫୬ ସୃଷ୍ଟି କରାଯାଇଛି। ଏ ବାବଦରେ ୯୪ କୋଟି ୯୫ ଲକ୍ଷ ୬ ହଜାର ଟଙ୍କା ଅଟକଳ କରାଯାଇଥିବା ବେଳେ ୭୩ କୋଟି ୨୯ ଲକ୍ଷ ୬୨ହଜାର ଖର୍ଚ୍ଚ ହୋଇଛି। ୯୮.୩୧ ପ୍ରତିଶତ କାର୍ଯ୍ୟ ସଫଳ ହୋଇଥିବା ସୂଚନା ଦିଆଯାଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ କାର୍ଯ୍ୟ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାରେ ରାସ୍ତାକାମ, ଭଦ୍ରକ ପୌରପାଳିକାରେ ଅମୃତ ଯୋଜନାରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କାର୍ଯ୍ୟ, ପାଇଖାନା ନିର୍ମାଣ ଆଦି ତୁରନ୍ତ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା। ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଦିଶା କମିଟିର ସଦସ୍ୟ ବୈଠକରେ ଯୋଗ ଦେଇଥିଲେ।

